## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ଭଦ୍ରକ ଅଫିସ:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜ ମଠ ପୋଖରୀରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାହାଞ୍ଜ ଗ୍ରାମର କାଳିଆ ବେହେରା(ଶିବ)। ସୂଚନା ଅନୁଯାୟୀ, ସକାଳେ ଉକ୍ତ ପୋଖରୀରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଖବର ପାଇ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୨୯/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ପୋଖରୀରୁ ମିଳିଲା ନିଖୋଜ ଶିଶୁକନ୍ୟାଙ୍କ ମୃତଦେହ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ରୂପସା,୨୮।୧୧(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ନିମା ଗ୍ରାମରୁ ନିଖୋଜ ଥିବା ଶିଶୁକନ୍ୟାଙ୍କ ମୃତଦେହ ରବିବାର ସ୍ଥାନୀୟ ଏକ ପୋଖରୀରୁ ମିଳିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

ଗ୍ରାମର ଉମାକାନ୍ତ ପ୍ରଧାନଙ୍କ ୩ବର୍ଷର ଝିଅ ସାଇସ୍ମିତା ଶନିବାର ଘର ବାହାରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ବି କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ପରିବାର ପକ୍ଷରୁ ବସ୍ତା ଥାନାରେ ଶିଶୁକନ୍ୟା ଅପହରଣ ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବସ୍ତା ଦମକଳ ବାହିନୀ ପହଞ୍ଚି ଆଖପାଖ ପୋଖରୀରେ ଖୋଜାଖୋଜି କରି ବିଫଳ ହୋଇଥିଲେ। ତେବେ ରବିବାର ସକାଳେ ଗାଁ ଲୋକେ ସ୍ଥାନୀୟ ପୋଖରୀରେ ଶିଶୁକନ୍ୟାଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବସ୍ ଓଲଟି ୨୦ରୁ ଉର୍ଦ୍ଧ୍ୱ ଆହତ, ୨ ଗୁରୁତର

ବାରିପଦା ଅଫିସ/ରାଇରଙ୍ଗପୁର/କୁଆମରା/ଖୁଣ୍ଟା ୨୮।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲାରେ ରବିବାର ଦୁଇଟି ବସ୍ ଦୁର୍ଘଟଣା ଘଟି ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ପୂର୍ବାହ୍ନରେ ଗୋରୁମହିଷାଣୀ ଥାନା ଟୋଲକମଇ ଠାରେ ଏକ ଯାତ୍ରୀବାହି ବସ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଥିବାବେଳେ ୧୦ଜଣ ଆହତ ହୋଇଛନ୍ତି। ଗୁରୁତର ଆହତ ହୋଇଥିବା ପୂଜା ବିନ୍ଧାଣୀ ଓ ଯଶୋଦା ବାରିକଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅନ୍ୟମାନେ ଗୋରୁମହିଷାଣୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ବସ୍‌ଟି ଜାମଦାରୁ ଗୋରୁମହିଷାଣୀ ନିକଟ କାମ୍ଭୁଡୁକା ଯାଉଥିବା ବେଳେ ଟୋଲକ ମଇ ସ୍କୁଲ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ପହଞ୍ଚି ବସ୍ ଜବତ କରି ତଦନ୍ତ ଜାରି ରଖିଛି। ସେହିପରି ସନ୍ଧ୍ୟା ସାଢ଼େ ୭ଟା ବେଳେ କୁଶଳଦା ଫାଣ୍ଡି ଅଧୀନ ସିମିଳାବଣ୍ଟ ନିକଟରେ ଏକ ଘରୋଇ ବସ୍ ଓଲଟି ପଡ଼ିଥିଲା। ଏଥିରେ ଆହତ ୧୦ଜଣଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ବାରିପଦାରୁ ରତନପୁର ଆସୁଥିବା ବେଳେ କଂକ୍ରିଟ କାର୍ଯ୍ୟ ଚାଲିଥିବାରୁ ରାସ୍ତାପାର୍ଶ୍ୱରେ ଥିବା ମାଟି ଉପରକୁ ଚଢ଼ିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ବସ୍ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଫେରାର ଅଛନ୍ତି। ସ୍ଥାନୀୟ ଲୋକେ ପହଞ୍ଚି ବସ୍ ସମ୍ମୁଖ ଦେଇ ଯାତ୍ରୀମାନଙ୍କୁ ବାହାର କରିଥିଲେ। କୁଶଳଦା ଫାଣ୍ଡି ପୋଲିସ ତଦନ୍ତ କରୁଛି।

### ମାଛ ବୋଝେଇ ଟ୍ରକ୍‌ରୁ ଲୁଟ୍

ରୂପସା,୨୮।୧୧(ଡି.ଏନ.ଏ. ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ମାଛଧରା କେନ୍ଦ୍ରରୁ ଏକ ଟ୍ରକ୍ ମାଛ ବୋଝେଇ କରି ଆସୁଥିବା ବେଳେ ଶିଳଦା ନିକଟରେ କେତେକ ଦୁର୍ବୃତ୍ତ ଗାଡ଼ି ଅଟକାଇ ଲୁଟ କରିଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ଏହି ଟ୍ରକ୍‌ରେ ମାଛ ବୋଝେଇ ହୋଇ କୋଲକାତା ଯାଉଥିବା ବେଳେ ଲୁଟ ହୋଇଥିଲା। ସେଥିରେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମାଛ ଥିଲା। ଡ୍ରାଇଭରଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ଭୟଭୀତ କରି ମାଛ ଲୁଟି ନେଇଥିଲେ। ପରେ ଟ୍ରକ୍‌କୁ ରାସ୍ତା ପାର୍ଶ୍ୱକୁ ଠେଲି ଦେଇଥିଲେ। ମାଛ ବ୍ୟବସାୟୀ ହେମନ୍ତ କୁମାର ସାହୁ ବସ୍ତା ଥାନାରେ ଏତଲା ଦେଇଛନ୍ତି।

### ଜଳିଗଲା ୩ ବଖରା

ସୋର, ୨୮।୧୧(ଡି.ଏନ.ଏ): ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ପାଖର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଦୀନବନ୍ଧୁ ମହାଲିକଙ୍କ ଘରେ ରବିବାର ମଧାହ୍ନରେ ନିଆଁ ଲାଗି ୩ ବଖରା ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ସୋର ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ବିପନ୍ନ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ଦାବି କରିଛନ୍ତି।

# ରୁଟ୍ ବଦଳାଇ ଚାଲାଣ ହେଉଛି ଗଞ୍ଜେଇ

■ ୨୧କେଜି ୨ଶହ ଗ୍ରାମ୍ ଜବତ
■ ୨ ମହିଳାଙ୍କ ସମେତ ୩ ଗିରଫ

ବାରିପଦା ଅଫିସ,୨୮।୧୧

ନିଶା କାରବାର ପାଇଁ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲାର ଗଞ୍ଜେଇ ବେପାରୀମାନେ ନିରାପଦ ବାଟ ଦେଇ ଗଞ୍ଜେଇ ଚାଲାଣ କରୁଛନ୍ତି। ଶନିବାର ରାତିରେ ବାରିପଦା ବସ୍‌ଷ୍ଟାଣ୍ଡରୁ କୋଲକାତା ବସ୍ ଯୋଗେ ଚାଲାଣ ହେଉଥିବା ଖବର ପାଇ ଟାଉନ ଥାନା ପୋଲିସ ଚଢ଼ାଉ କରି ବହୁ ପରିମାଣର ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ମାଜିଷ୍ଟ୍ରେଟ ସତ୍ୟବାନ ନାୟକ ଓ ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯିବାରୁ ୨୧କେଜି ୨ଶହ ଗ୍ରାମ ହୋଇଛି। ଏହାସହିତ ଚାଲାଣରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲାର ଇମ୍ରାନ ସରକାର(୩୮), ମନୱାର ବିବି(୩୮) ଓ ହାସିନା ବିବି(୩୦)। ଏନେଇ ପୋଲିସ ମାମଲା (ନଂ.୯୮୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଗଞ୍ଜାମରୁ ଗଞ୍ଜେଇ ନେଇ ବାରିପଦା ଦେଇ ରୁଟ୍ ବଦଳାଇ କୋଲକାତାକୁ ଚାଲାଣ ହେଉଛି। ସୁଯୋଗ ଦେଖି ବେପାରୀମାନେ ବଡ଼ ବଡ଼ ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଛନ୍ତି। ଶନିବାର ରାତିରେ ଦୁଇଜଣ ମହିଳାଙ୍କ ସହ ଜଣେ ଅଭିଯୁକ୍ତ ୩ଟି ବ୍ୟାଗ୍‌ରେ ଗଞ୍ଜେଇ ଧରି କୋଲକାତା ବସ୍‌ଷ୍ଟାଣ୍ଡରେ ଛିଡ଼ା ହୋଇଥିଲେ। ଖବର ପାଇ ଟାଉନ ପୋଲିସ ଚଢ଼ାଉ କରି ବ୍ୟାଗ୍‌ରୁ ୨୨ ପ୍ୟାକେଟ୍ ପୁଡ଼ିଆକୁ ଜବତ କରିଥିଲା। ତେବେ ସପ୍ତାହକ ମଧ୍ୟରେ ଦୁଇଥର ଟାଉନ ପୋଲିସ ଓ ଥରେ ଅବକାରୀ ବିଭାଗ ଚଢ଼ାଉ କରି ମୋଟ ୮୬ କେଜି ୭୫୦ଗ୍ରାମ୍ ଗଞ୍ଜେଇ ଜବତ କରିଛନ୍ତି। ଏହାସହ ମୁର୍ସିଦାବାଦ ଜିଲାର ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ଅନୁଗୋଳର ଛେଣ୍ଡିପଦା ଓ ଗଞ୍ଜାମ ଜିଲାରୁ ଗଞ୍ଜେଇ ଆଣୁଥିବା ନେଇ ପ୍ରକାଶ କରିଛନ୍ତି। ବାଲେଶ୍ୱରରେ କଡ଼ାକଡ଼ି ଯାଞ୍ଚ ହେଉଥିବାରୁ ବେପାରୀମାନେ ଯାତ୍ରୀବାହୀ ବସ୍ ମାଧ୍ୟମରେ ବାରିପଦା ଦେଇ କୋଲକାତା ଯିବାକୁ ନିରାପଦ ମଣୁଛନ୍ତି। ବସ୍‌ରେ ଆସୁଥିବା ବଡ଼ ଧରଣର ବ୍ୟାଗ୍ ପରିବହନରେ କର୍ମଚାରୀମାନଙ୍କ ହାତ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅଧିକ ତଦନ୍ତ କରାଗଲେ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି ଥିବା ଅପରାଧୀମାନଙ୍କୁ ଠାବ କରାଯାଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।


ଜବତ ଗଞ୍ଜେଇ ସହ ଅଭିଯୁକ୍ତ।

# ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ


ଭଦ୍ରକ: ବିଧାୟକ ସଞ୍ଜୀବ ମଲ୍ଲୀକ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

ଭଦ୍ରକ ଅଫିସ/ବାସୁଦେବପୁର/ଭଣ୍ଡାରିପୋଖରୀ,୨୮।୧୧ (ଡି.ଏନ.ଏ.)

ଭଦ୍ରକ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ରବିବାର ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଚରମ୍ପା ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଉଦ୍‌ଘାଟନ କରିବା ସହ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଯୁବନେତା ତପନ ଦାସ ଓ ମୁକ୍ତିକାନ୍ତ ମଲ୍ଲିକଙ୍କ ଦ୍ୱାରା ଅୟୋଜିତ ଉତ୍ସବରେ ପୂର୍ବତନ ସରପଞ୍ଚ ଖଗେଶ୍ୱର ମଲ୍ଲିକ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସମିତିସଭ୍ୟ ରମେଶ ବେହେରା।

ବାସୁଦେବପୁର ବ୍ଲକର ଇରମ, ଅଠୁଆଁ, ଚୂଡ଼ାମଣି, ଶାଶୁଭୂଆଶୁଣୀ, ସାନକୃଷ୍ଣପୁର ଓ କିଷ୍ମତକୃଷ୍ଣପୁରରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବିଡିଓ ସତ୍ୟଜିତ ରାଉତ, ସରପଞ୍ଚ ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ଗିରିଶ ଚନ୍ଦ୍ର ସାମଲ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସାନକୃଷ୍ଣପୁର, କିଷ୍ମତକୃଷ୍ଣପୁରଠାରେ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ।

ଭଣ୍ଡାରିପୋଖରୀ ବ୍ଲକର ସରସଦା, କୁରିଗାଁ, ରହଣିଆ, ମାଳଦା, ନପଙ୍ଗ ଓ ଷୋଳମପୁର ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଥିଲା। କୁରିଗାଁ କଷ୍ଟି ବିଦ୍ୟାଳୟରେ ବିଡିଓ ଦେବଦତ୍ତ ଦାସ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଣୀତକାନ୍ତ ସାମଲ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନା ରାଣୀ ମହାନ୍ତି, ଲଳିତ ରାଉତ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଦେବେନ୍ଦ୍ର ନାଥ ଧଳ, ଦେବ ପ୍ରସନ୍ନ ମହାପାତ୍ର, ଉତ୍କଳ ମହାନ୍ତି, ସରପଞ୍ଚ ଅଲିଭା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଷୋଳମପୁରଠାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ସ୍ମାର୍ଟ କାର୍ଡ ବାଣ୍ଟିଥିଲେ।

# ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଭାଜପା, କଂଗ୍ରେସ କର୍ମୀ ଅଟକ

**ବାଲିଆପାଳ ବ୍ଲକରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ**


ମନ୍ତ୍ରୀ ରଘୁ ନନ୍ଦନ ଦାସ ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଣ୍ଟନ କରୁଛନ୍ତି।

ବାଲିଆପାଳ,୨୮।୧୧(ସ୍ୱ.ପ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଶୁକ୍ରବାର ବାଲେଶ୍ୱରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଶନିବାର ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସ କଡ଼ା ସୁରକ୍ଷା ମଧ୍ୟରେ ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି କାର୍ଡ଼ ବଣ୍ଟନ କରିଥିଲେ। ମନ୍ତ୍ରୀ ବାଲିଆପାଳରେ ପହଞ୍ଚିବା ପୂର୍ବରୁ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଭାଜପା ଓ କଂଗ୍ରେସର କିଛି ଛାମୁଆ ନେତାଙ୍କୁ ଥାନାରେ ଅଟକ କରାଯାଇଥିଲା। ଅପରାହ୍ନ ୩ଟାରେ ମନ୍ତ୍ରୀ ବାଲିଆପାଳରେ ପହଞ୍ଚିବା ପରେ ବିଜେଡ ଜିଲା ଉପସଭାପତି ବଳରାମ ସାହୁ, ୨୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରାସାଦ ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ବ୍ଲକ ଛକରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

କାର୍ଡ ବଣ୍ଟନ ସମୟରେ ବାଲିଆପାଳ ବିଡ଼ିଓ ଲଳିତ ସୋରେଙ୍ଗ, ତହସିଲଦାର ଦୀପକ କୁମାର ଦାସ, ମହିଳା ବିଜୁଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା, କସ୍ତୁରୀ ବାଳା ପାତ୍ରଙ୍କ ସହିତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ମଧୁପୁରା ପଞ୍ଚାୟତର ଖଗଡାପାଳ ସ୍କୁଲ ସେଣ୍ଟର, ଦେଉଳା ପଞ୍ଚାୟତର କୁସୁଡ଼ିହା, ଘଣ୍ଟୁଆ ପଞ୍ଚାୟତର ଘଣ୍ଟୁଆ, ବାଣିଆଡିହା ପଞ୍ଚାୟତର ଲଙ୍ଗଳେଶ୍ୱରରେ ମନ୍ତ୍ରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା।

## ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପ୍ରଦାନ ଉତ୍ସବ

ଭଣ୍ଡାରିପୋଖରୀ, ୨୮।୧୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବଜାର ସ୍ଥିତ ଅଭିରାମ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ତୃତୀୟ ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ଦୁଃଶାସନ ଓଝା ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କବି ପୁରୁଷୋତ୍ତମ ରାଉତ, ଶରତ ପଣ୍ଡା, ପୂର୍ବତନ ଛାତ୍ର ଓ ଶିକ୍ଷକ ଭାସ୍କର ଦାସ, ମାନସ ପାତ୍ର, ପ୍ରଦୀପ ଜେନା, ସନ୍ତୋଷ ସାହୁ, ରବୀନ୍ଦ୍ର ନନ୍ଦ, କରୁଣାକର ବାରିକ, ସୁବ୍ରତ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଶିକ୍ଷକତା ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ପ୍ରେମାନନ୍ଦ ନାୟକ ଓ ଡ. ପ୍ରାଣାନନ୍ଦ ରଥଙ୍କୁ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର-୨୦୨୧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସାହିତ୍ୟିକ ପୁରୁଷୋତ୍ତମ ଧଳ। ଡ. ନିରଞ୍ଜନ ଓଝା, ଅକ୍ଷୟ ମହାନ୍ତି, ପ୍ରସନ୍ନ ମହାପାତ୍ର, ଶ୍ରୀକାନ୍ତ ଦାସ, ସୁରେଶ ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବାଣ୍ଟିଲେ ମନ୍ତ୍ରୀ



ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଣ୍ଟନ କରୁଛନ୍ତି।

ସଜନାଗଡ଼,୨୮।୧୧(ଡି.ଏନ.ଏ.)

ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ଶନିବାର ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଣ୍ଟନ କରିଛନ୍ତି। ସଜନାଗଡ଼, ତେଲିପାଳ, ଭଡ଼ଁରିଆବାଡ଼, ବରହମପୁର, ଧରମପୁର, ଆରବନ୍ଧ, ତେନ୍ତୁଳିଆ, ଏହି କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରକାରଙ୍କ ପକ୍ଷରୁ ଏକ ମଞ୍ଚ ନିର୍ମାଣ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀଙ୍କୁ ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ସଭାସ୍ଥଳୀକୁ ପାଛୋଟି ନେଇଥିଲେ। ଭାରପ୍ରାପ୍ତ ବିଡିଓ ଅଶେଷ କୁମାର ନାୟକ, ସମ୍ପୃକ୍ତ ପଞ୍ଚାୟତର ପିଇଓ ଏବଂ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ବିସ୍ଥାପିତ ଗାଁ ଉଚ୍ଛେଦ

ଯୋଡ଼ା,୨୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବାସୁଦେବପୁର ଠାରେ ନିର୍ମାଣାଧୀନ କାନପୁର ବୃହତ୍ତ ଜଳସେଚନ ପ୍ରକଳ୍ପରେ ବିସ୍ଥାପିତ ହେଉଥିବା ୩ଟି ଗାଁକୁ ରବିବାର ପ୍ରକଳ୍ପ ଓ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ, ବଡ଼ବିଲ ତହସିଲଦାର ଆଲୋକ କୁମାର ପଟେଲ, ପ୍ରକଳ୍ପର ଜୋନ ଅଧିକାରୀ ଚରଣ ନାଏକ, ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି, କାନପୁର ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ଉଦୟ ନାଥ ସାହୁ, ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ଭୁଷଣ ବେହେରା, ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ, ବିଳେଇପଦା ଓଆଇସି ଶେଖ ଆଖାରୁଦ୍ଦିନ ପ୍ରମୁଖଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ୨୫ପ୍ଲାଟୁନ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ଦଡୁଆଁ, ଗୋବିନ୍ଦପୁର, ଓ ବିରିକଳା, ଚମକପୁର ଗ୍ରାମର ପାର୍ବତୀପୁର ସାହିର ସମୁଦାୟ ୮୨୧ରୁ ୮୧୨ ବିସ୍ଥାପିତଙ୍କୁ ଉଚ୍ଛେଦ କରାଯାଇଥିଲା। ଯେଉଁମାନେ ସମ୍ପୂର୍ଣ୍ଣ ସହାୟତା ରାଶି ପାଇ ସାରିଛନ୍ତି ସେମାନଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ କାର୍ଯ୍ୟ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ ପ୍ରକଳ୍ପ ଓ ପ୍ରଶାସନ ପକ୍ଷରୁ ୧୦ଟି ଗ୍ରାମ ଉଚ୍ଛେଦ କରାଯାଇଛି। ବିସ୍ଥାପିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଉକ୍ତ ୩ଟି ଗାଁରେ ବିସ୍ଥାପିତଙ୍କ ସର୍ଭେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କରାଯାଇ ନାହିଁ। ଫଳରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବତୀଯୁବକ ବିସ୍ଥାପନ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଯଦ୍ୱାରା କି ୨୦୦୬ ଥଇଥାନ ଓ ବିସ୍ଥାପନ ନୀତି ଅନୁଯାୟୀ ସେମାନଙ୍କୁ ପ୍ରକଳ୍ପ ପକ୍ଷରୁ ଥଇଥାନ କରାଯାଇ ନାହିଁ।

## ଜିଲାପାଳଙ୍କୁ ଭେଟିଲେ କ୍ଷତିଗ୍ରସ୍ତ ଚାଷୀ

ପଦ୍ମପୁର, ୨୮।୧୧(ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକ ଅଧୀନ ଏରଡ଼ା, ସାବରଙ୍ଗ, ଚଣ୍ଡିଗାଁ ପଞ୍ଚାୟତର ଶତାଧିକ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ଦାବିରେ ଜିଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ଦିନରେ ଅଭାବୀ ସାର ବିକ୍ରି, କୀଟନାଶକ ଔଷଧର ପ୍ରୟୋଗ ପରେ ଲଘୁଚାପ ଜନିତ ବର୍ଷା ଓ ଚକଡ଼ା ପୋକ ଅଞ୍ଚଳର ପାଚିଲା ଧାନ ଜମିକୁ ଖାଇ ସଫା କରି ଦେଇଛନ୍ତି। ଏନେଇ ଚାଷୀ ଚକ୍ରଧର ପାତ୍ର, ରାଧାଶ୍ୟାମ ନାୟକ, କମଳାକାନ୍ତ ବେହେରା, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳ ତ୍ରିଲୋଚନ ମାଝି ଓ ତହସିଲଦାରଙ୍କୁ କ୍ଷତିପୂରଣ ଦାବିରେ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲାପାଳ ମାଝିଙ୍କୁ ପଚାରିବାରୁ ସେ କୃଷି ବିଭାଗ ଓ ଭଦ୍ରକ ତହସିଲଦାରଙ୍କୁ ଆସନ୍ତା ୭ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ କ୍ଷେତ୍ର ପରିଦର୍ଶନ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।

## ଜାତୀୟ ସମର ଶିକ୍ଷାର୍ଥୀ ଦିବସ

ଚମ୍ପୁଆ,୨୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ସମରଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଜାତୀୟ ସମରଶିକ୍ଷାର୍ଥୀ ଦିବସ ପାଳିତ ହୋଇଯାଇଛି। ଏନସିସି ଅଫିସର ଗିରିଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବସରେ ବରିଷ୍ଠ ଶିକ୍ଷକ ଜୀବନ କିଶୋର ମହାନ୍ତ ଅତିଥିଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ, ସମର ଶିକ୍ଷାର୍ଥୀ ବାହିନୀର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ମତରଖିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ କ୍ୟାଡେଟ ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସର ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ବୃକ୍ଷ ରୋପଣ କରାଯାଇଥିଲା।

# ଯୋଗକେନ୍ଦ୍ର ଲାଗି ଭୂମିପୂଜନ

ବାଲେଶ୍ୱର ଅଫିସ,୨୮।୧୧



ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ରବିବାର ପୂର୍ବାହ୍ନରେ ଏକ ଯୋଗ କେନ୍ଦ୍ର ସ୍ଥାପନ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଭୂମିପୂଜନ କରିବା ସହ କ୍ଲବର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ପୂର୍ବତନ ଉପ-ନଗରପାଳ ମନୋଜ କୁମାର ରାଉତ, ଜିଲା ବିଜେଡି ଟାଉନ ସଭାପତି ସନତ କୁମାର ଦାସ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ଶକ୍ତିପଦ ରାୟ, କ୍ଲବର ସଭାପତି ଅୟେନ କୁମାର ସେନ, ସାଧାରଣ ସମ୍ପାଦକ ଗିରିଜା ଶଙ୍କର ଦାସ, କୋଷାଧ୍ୟକ୍ଷ କମଳ ଲୋଚନ ଖଣ୍ଡେଲୱାଲଙ୍କ ସମେତ କ୍ଲବର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବିଧାୟକ ଦାସଙ୍କ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନରେ ଏହି ଯୋଗ କେନ୍ଦ୍ର ନିର୍ମାଣ ହେବ।

# କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚକୁ ସ୍ୱାଗତ


ଇରମରେ କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚର କର୍ମକର୍ତ୍ତା।

ବାସୁଦେବପୁର, ୨୮।୧୧ (ଡି.ଏନ୍.ଏ.)

ଓଡ଼ିଶାରେ କୋଷ୍ଟ କେନାଲ ପୋତି ହୋଇ ପଡ଼ିଥିବା ସହ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଉଛି। ଏହାର ପୁନରୁଦ୍ଧାର ସହ ଜବରଦଖଲ ମୁକ୍ତ ପାଇଁ କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚ ଦାବି କରିଆସୁଛି। ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ଏହାର ଅତୀତ ଇତିହାସକୁ ପୁନଃ ଜୀବିତ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କୁ ମଞ୍ଚ ପକ୍ଷରୁ ସଚେତନ କରାଯାଉଛି। ଏ ସମ୍ପର୍କରେ ଏକ ଶୋଭାଯାତ୍ରା ବାଲେଶ୍ୱର ଜିଲା ମାନକୁଣ୍ଡାରୁ ବାହାରି ଭୋଗରାଇ ବ୍ଲକ ଜାମକୁଣ୍ଡାଳକ, ବର୍ଦ୍ଧନପୁର, ତୁଣ୍ଡରା ଗୋପାଳପୁର ଦେଇ ରବିବାର ବାସୁଦେବପୁର ବ୍ଲକ ଇରମରେ ପହଞ୍ଚିଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ, ମହେଶ ଦାସ, ଶତ୍ରୁଘ୍ନ ଧନୀ, ଶିବ ପ୍ରସାଦ ପାଢ଼ୀ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ମଞ୍ଚର ପ୍ରତିନିଧି ପ୍ରତାପ ଚନ୍ଦ୍ର ନାୟକ, ଡ. ଅଦୈତ ପାତ୍ର, ବ୍ରଜକିଶୋର ପ୍ରଧାନ ପ୍ରମୁଖ ଶହୀଦ ପୀଠ ଓ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରି ପଥପ୍ରାନ୍ତ ସଭାରେ ମତ ରଖିଥିଲେ।

# 'ମଣ୍ଡି ନ ଖୋଲିଲେ ବିଧାୟକଙ୍କ ଘର ଆଗରେ ରଖାଯିବ ଧାନବସ୍ତା'

**ଖବରଦାତା ସମ୍ମିଳନୀରେ ଭାଜପାର ଘୋଷଣା**

ଜଳେଶ୍ୱର,୨୮।୧୧(ଡି.ଏନ୍.ଏ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

ପ୍ରତିକୂଳ ପାଗ ଓ ଚକଡ଼ାପୋକ ଦାଉ ସତ୍ତ୍ୱେ ଚାଷୀ ଖରିଫ ଧାନ ଫସଲ ଅମଳ ଜାରି ରଖିଛନ୍ତି। ହେଲେ ଏଯାବତ୍ ମଣ୍ଡି ଖୋଲା ଯାଇନାହିଁ। ଅମଳ ପରେ ଚାଷୀ କରଜ କରିଥିବା ଅର୍ଥ ପୈଠ କରିବାଲାଗି ତତ୍ପର ହେଉଥିବା ବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ମଣ୍ଡି ଖୋଲାଯିବାର ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ସ୍ଥାନୀୟ ଶାସକ ଦଳର ନେତାଙ୍କୁ ଦାୟୀ କରିଛି ଜଳେଶ୍ୱର ଭାଜପା। ଆସନ୍ତା ୨ ତାରିଖ ସୁଦ୍ଧା ମଣ୍ଡି ନ ଖୋଲିଲେ କୃଷକଙ୍କ ସ୍ୱାର୍ଥରକ୍ଷା ଲାଗି ରାଜରାସ୍ତାକୁ ଓହ୍ଲାଇବା ସହିତ ଜଳେଶ୍ୱର ବିଧାୟକଙ୍କ ବାସଭବନ ଆଗରେ ଧାନଗଦା କରି ପ୍ରତିବାଦ କରାଯିବ ବୋଲି ଭାଜପା କର୍ମକର୍ତ୍ତା ରବିବାର ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଭାଜପା ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଏମ୍‌ପିଙ୍କ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ତନ୍ମୟ ଚାନ୍ଦ, ପ୍ରଦୀପ ମହାନ୍ତି, ଗୌରଗୋପାଳ ଦାସ, ବିଶ୍ୱରୂପ ଦାସ, ତରୁଣ ପଟ୍ଟନାୟକ, ହରିପଦ ମାନ୍ନା, ଏସ୍.କେ. ସୁଲତାନ, ଅଭିପ୍ସା ଦାସ, ଅରୁଣା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକଙ୍କୁ ପଚାରିବାରୁ ଜିଲାର ଡିଏଲ୍‌ପିସି ବୈଠକ ଅନୁଯାୟୀ ନିର୍ଦ୍ଧାରିତ ତାରିଖରୁ ଧାନ କିଣା ଯିବ ବୋଲି କହିଛନ୍ତି।

